# aurAkashvani, Sambalpur

# SAMBALPURI NEWS BULLETIN

## 14 August 2025 - 6.47- 6.52 am.

**********************************************

ରାଷ୍ଟ୍ରପତି- ସମ୍ବୋଧନ୍          ଆର୍‌ଏନ୍‌ୟୁ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭୯ ନମ୍ବର୍ ସ୍ୱାଧୀନତା ଦିବସ୍‌ର ଆଘର୍ ସଞ୍ଜେ ଆଏଜ୍ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ସଞ୍ଝର୍ ୭ ବଜେ ରାଷ୍ଟ୍ରପତିଙ୍କର୍ ସମ୍ବୋଧନ୍ ଆକାଶ୍‌ବାଣୀର୍ ସବୁ କେନ୍ଦ୍ର ଆଉ ଦୂର୍‌ଦର୍ଶନ୍‌ର ସବୁ ଚେନାଲ୍‌ଥି ପ୍ରସାରିତ୍ ହେବା । ପହେଲା ହିନ୍ଦୀ ଆଉ ତାର୍ ଉତ୍‌ରୁ ଇଂରାଜୀ ଭାଷାଥି ରାଷ୍ଟ୍ରପତିଙ୍କର୍ ସମ୍ବୋଧନ୍ ପ୍ରସାରଣ୍ କରାଯିବା । ରାଷ୍ଟ୍ରପତିଙ୍କର୍ ଅଭିଭାଷଣ୍‌ର ଅନୁବାଦ୍ ଆଂଚଲିକ୍ ଭାଷାଥି ରାତି ସାଢ଼େ ୯ ବଜେ ଆକାଶ୍‌ବାଣୀ ଆର୍ ଦୂର୍‌ଦର୍ଶନ୍‌ଥି ପ୍ରସାରଣ୍ କରାଯିବା । ସେଥିର୍‌ଲାଗି ଆଏଜ୍ ସଞ୍ଜ୍‌ବେଲର୍ ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ ସଞ୍ଝର୍ ୭ ବଜେ ବଦ୍‌ଲା ୮ ବାଜିକରି ୩୨ ମିନିଟ୍‌ଥି ପ୍ରସାରଣ୍ କରାଯିବା ।

ଅମୃତ୍ ଉଦ୍ୟାନ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ରାଷ୍ଟ୍ରପତି ଭବନ୍ ଅମୃତ୍ ଉଦ୍ୟାନ୍ର ଗ୍ରୀଷ୍ମକାଲୀନ୍ ବାର୍ଷିକ ଉତ୍ସବ୍ର ଉଦ୍‌ଘାଟନ୍ କର୍‌ବେ । ସର୍ବସାଧାରଣଙ୍କର୍ ଲାଗି ଆଏବା ଶନିବାର୍ ଦିନ ଦିନର୍ ୧୦ ବଜେନୁ ବେଲ୍‌ବୁଡ଼ର୍ ୬ ବଜେତକ୍ ଅମୃତ୍ ଉଦ୍ୟାନ୍ ଖୁଲା ରହେବା । ସେପ୍ଟେମ୍ବର୍ ମାସର୍ ୧୪ ତାରିଖ୍‌ତକ୍ ଉଦ୍ୟାନ୍ ଖୁଲା ରହେବା । ଆଏବା ୨୯ ତାରିଖ୍ କ୍ରୀଡ଼ା ଦିବସ୍ ଆଉ ସେପ୍ଟେମ୍ବର୍ ୫ ତାରିଖ୍ ଗୁରୁଦିବସ୍ ଅବ୍‌ସରେ ଖେଲାଲି ଆଉ ଶିକ୍ଷକ୍ ମାନ୍‌କୁ ଖାସ୍ ପ୍ରବେଶ୍ ସୁଯୋଗ୍ ମିଲ୍‌ବା ।

ରାଜ୍ୟପାଲ୍ I&PR

ରାଜ୍ୟପାଲ୍ ଆଉ ଭାରତୀୟ ରେଡ଼କ୍ରସ୍ ସୋସାଇଟି ରାଜ୍ୟଶାଖାର୍ ଅଧ୍ୟକ୍ଷ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟିଙ୍କର୍ ଅଧ୍ୟକ୍ଷତାଥି ରେଡ଼କ୍ରସ୍ ଶାଖା କାର୍ଯ୍ୟନିର୍ବାହୀ କମିଟିର୍ ବୈଠକ୍ ହେଇଯାଇଛେ । ଉଚ୍ଚଶିକ୍ଷାନୁଷ୍ଠାନ୍ ମାନ୍‌କେ ବଛର୍‌କ ୨ ନୁ ୩ ଥର୍ ଲେଖା ରକ୍ତଦାନ୍ ଶିବିର୍ ଆୟୋଜନ୍ କରିକରି ଛାତ୍ରଛାତ୍ରୀମାନ୍‌କୁ ରକ୍ତଦାନ୍ କର୍‌ବାର୍ ଲାଗି ତହଁକାବାର୍ ଉପ୍‌ରେ ରାଜ୍ୟପାଲ୍ ଜୋର୍ ଦେଇଛନ୍ ।

ଗଛ୍ ଲଗା I&PR

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ୭୫ ନମ୍ବର୍ ଜନମ୍ ଦିନ୍ ଅବ୍‌ସରେ ଆଏବା ୧୭ ତାରିଖ୍ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ୭୫ ଲାଖ୍ ଗଛ୍ ଲଗାଯିବା । ଇ ଅବ୍‌ସରେ ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ୩୪ ଲାଖ୍ ଗଛ୍ ଲଗାଯିବା । ସେନ୍ତା କୃଷି ବିଭାଗ୍ ତର୍‌ଫୁ ୨୩ ଲାଖ୍, ଜଙ୍ଗଲ୍ ବିଭାଗ୍ ତର୍‌ଫୁ ୧୫ ଲାଖ୍ ଗଛ୍ ଲଗାଯିବା । ଗଲାକାଏଲ୍ ହେଇଥିବା ଗୁଟେ ପ୍ରସ୍ତୁତି ବୈଠକ୍ ଉତ୍‌ରୁ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁ ଇ ବାବ୍‌ଦେ ସୂଚ୍‌ନା ଦେଇଛନ୍ ।

ଧାନ୍ ଘିନା ପଞ୍ଜିକରଣ୍ I&PR

ଖରିଫ୍ ଧାନ୍ ଘିନା ଲାଗି ଚାଷୀ ପଞ୍ଜିକରଣ୍ ସମିଆକେ ବଢ଼ାବାର୍ ଲାଗି ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧକ୍ଷତାଥି ହେଇଥିବା ସମୀକ୍ଷା ବୈଠକ୍‌ଥି ଧାରିଜ୍ କରାଯାଇଛେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍, ଗଲା ୧୯ ତାରିଖ୍‌ନୁ ମୁଲ୍ ହେଇଥିବା ପଞ୍ଜିକରଣ୍ ପ୍ରକ୍ରିୟା ଆଏବା ୨୦ ତାରିଖ୍‌ତକ୍ ଚାଲ୍‌ବା । ଏବ୍‌ତକ୍ ୧୧ ଲାଖ୍ ୨୫ ହଜାର୍‌ନୁ ଅଏତ୍‌କା ଚାଷୀ ପଞ୍ଜିକରଣ୍ କରିସାରିଛନ୍ । ଇ ସମିଆ ଭିତ୍‌ରେ ଛୁଟି ଦିନ୍ ମାନ୍‌କୁ ଭିଲ୍ ପଞ୍ଜିକରଣ୍ ପ୍ରକ୍ରିୟା ଚାଲ୍‌ବା ।

ସର୍କାର୍ ସବୁ ଚାଷୀଙ୍କର୍ ପଞ୍ଜିକରଣ୍ ଲକ୍ଷ୍ୟ ରଖିଛନ୍ । ଦର୍କାର୍ ପଡ୍‌ଲେ ପଞ୍ଜିକରଣ୍ ସମିଆକେ ବଢ଼ାଯାଇପାରେ ବଲି ମନ୍ତ୍ରୀ କହିଛନ୍ ।

ଶୀତଲ୍ ଭଣ୍ଡାର୍ -ଉପମୁଖ୍ୟମନ୍ତ୍ରୀ I&PR

ରାଏଜେ ଶୀତଲ୍ ଭଣ୍ଡାର୍ ତିଆର୍ ଆର୍ କାର୍ଯ୍ୟକ୍ଷମ୍ କର୍‌ବାର୍ ଲାଗି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ରାଜ୍ୟର୍ କୃଷି ଭିତିଭୂମି ବର୍‌କସ୍ ହେଲେଯାକି ଚାଷୀମାନେ ବର୍‌କସ୍ ହେବେ । ଇତାକେ ନଜର୍‌ଥି ରଖିକରି କାମ୍ କର୍‌ବାର୍‌କେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ଫି' ସବ୍‌ଡିଭିଜନ୍ ନ ଗୁଟେ ଲେଖା ଶୀତଲ୍‌ଭଣ୍ଡାର୍ ତିଆର୍ କର୍‌ବାର୍ ଲାଗି ସର୍କାର୍‌ଙ୍କର୍ ନିର୍ଦ୍ଦେଶ୍‌ନାମାକେ ଜଲ୍‌ଦି କାର୍ଯ୍ୟକାରୀ କର୍‌ବାର୍‌କେ ଉପମୁଖ୍ୟମନ୍ତ୍ରୀ ଜୋର୍ ଦେଇଥିଲେ ।

ମଡ଼ିଆ, ଚାଉଲ୍ ମିଲ୍ ବ୍ୟବସାୟ ପରିଚାଲନା କର୍ମଶାଳା I&PR

ଭୁବ୍‌ନେଶ୍ୱର୍ ମିଶନ୍ ଶକ୍ତି ଭବନ୍ ଠାନେ ସ୍ୱୟଂ ସହାୟକ ଗୋଷ୍ଠୀ ମାନ୍‌କର୍ ଉଦ୍ୟୋଗ୍‌କେ ତହଁକାବାର୍ ଲାଗି ଥିବା ପ୍ରକଳ୍ପ ଅଧୀନ୍‌ଥି ଛୋଟ୍

ମଡ଼ିଆ, ଚାଉଲ୍ ମିଲ୍ ପରିଚାଲ୍ନା ଆଉ ବ୍ୟବସାୟ ପରିଚାଲନାର ନୀତି ଉପ୍ରେ ଗୁଟେ ଦିନ୍କିଆ କର୍ମଶାଲା ହେଇଯାଇଛେ । କୃଷି ଆଉ ମିଶନ୍ ଶକ୍ତି ବିଭାଗ୍ ଆଉ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ୍ ଭିତ୍ରେ ତ୍ରିପାକ୍ଷିକ ଚୁକ୍ତି ଜରିଏ ଇ ପ୍ରକଳ୍ପ କାର୍ଯ୍ୟକାରୀ ହେଇଥିଲା । ୬୦ କୋଟି ନୁ ଅଏତ୍କା ଟଙ୍କା ଖର୍ଚ୍ଚାଥି ହେବାର୍କେ ଇ ପ୍ରକଳ୍ପକେ ୩ ବଛର୍ ଭିତ୍ରେ କାର୍ଯ୍ୟକାରୀ କରାଯିବା । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ ଜରିଏ ମଡ଼ିଆ ଆଉ ଜି.ଆଇ. ଚାଉଲ୍ ଆଉ କୃଷିଭିତିକ୍ ଦରବ୍ ଉତ୍ପାଦନ୍, ପ୍ରକ୍ରିୟାକରଣ୍, ପେକେଜିଂ, ସଂରକ୍ଷଣ୍ ଆଉ ବିପଣନ ଲାଗି ଛୋଟ୍ କାର୍ଖାନା ଥାପ୍ନା କର୍ବାର୍ ଇ ବୁଝାମଣାପତ୍ରର୍ ମୁଖ୍ୟ ଲକ୍ଷ୍ୟ ଆଏ ।

ମହିଳା ସୁରକ୍ଷା- ହାଇକୋର୍ଟ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଝିଅମାନ୍କର୍ ଲାଗି ଗୁଟେ ସୁରକ୍ଷିତ୍ ବାତାବରଣ୍ ତିଆର୍ କର୍ବାର୍ ଲାଗି ଓଡ଼ିଶା ଉଚ୍ଚନ୍ୟାୟାଳୟ ସବୁ ଜିଲ୍ଲା ଅଦାଲତ୍ ମାନ୍କୁ ଚିଠି ଲେଖିଛନ୍ । ଜିଲ୍ଲା ଅଦାଲତ୍ ମାନେ ନିଜର୍ ନିଜର୍ ଇଲାକାର୍ ବୁଦ୍ଧିଜୀବୀ, ଭିନ୍ ଭିନ୍ ସାମାଜିକ୍ ସଂଗଠନ୍, ବିଶେଷଜ୍ଞମାନ୍କୁ ନେଇକରି ବୈଠକ୍ କର୍ବେ । ବୈଠକ୍ର ଯାହା ନିଷ୍ପତି ହେବା ଆଏବା

୩୦ ତାରିଖ୍ ଭିତ୍ରେ ଉଚ୍ଚନ୍ୟାୟାଳୟକେ ପ୍ରସ୍ତାବ୍ ଦେବେ ବଲି ଚିଠିଥି କୁହାଯାଇଛେ ।

ବିଦ୍ୟାଳୟ ପରିଧାନ୍ ଯୋଜ୍ନା ଆର୍ଏନ୍ୟୁ/ ସମ୍ବଲପୁର

ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ୍ ଯୋଜ୍ନାଥି ରାଜ୍ୟର୍ ଅଙ୍ଗନବାଡ଼ି କେନ୍ଦ୍ରର୍ ଛୁଆମାନ୍କୁ ଆଏବା କାଏଲ୍ ପୋଷାକ୍ ବଂଟାଯିବା । ଇଥି ରାଜ୍ୟର୍ ୧୭ ଲାଖ୍ ୨୩ ହଜାର୍ ଛୁଆ ଉପକୃତ ହେବେ ବଲି ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ଅତିରିକ୍ତ ଜିଲ୍ଲା ଦୌରାଜଜ ନୂଆପଡ଼ା ସମ୍ବାଦଦାତା

ଓଡ଼ିଶା ଉଚ୍ଚନ୍ୟାୟାଳୟର୍ ନିର୍ଦ୍ଦେଶ୍ ଅନ୍ସାରେ ଖଡ଼ିଆଲ୍ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ନିଯୁକ୍ତି ଲାଗି ବିଜ୍ଞପ୍ତି ବାହାରିଛେ । ଖଡ଼ିଆଲ୍ର ନୂଆଁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଭାବେ ପ୍ରଣାମ୍ କୁମାର୍ ରାଉତ୍ଙ୍କୁ ନିଯୁକ୍ତି ମିଲିଛେ । ଖୋବ୍ ଜଲ୍ଦି ନୂଆଁ ବିଚାର୍ପତି ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ସଂସ୍କୃତ ସପ୍ତାହ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା କଲେଜ୍ ପରିସର୍ ନ ସଂସ୍କୃତ ସପ୍ତାହ ପାଲିତ୍ ହେଇଯାଇଛେ । ପହେଲା ଦିନେ 'ବିଶ୍ୱକୁ ଭାରତର ଅବଦାନ୍' ଶୀର୍ଷକ୍ ଗୁଟେ ସେମିନାର୍ ହେଇଥିଲା । ଇ ଅବ୍‌ସରେ ଅତିଥିମାନେ ସଂସ୍କୃତ୍ ଭାଷାର୍ ମାହାତ୍ମ୍ୟ ଆର୍ ବ୍ୟାକରଣ୍ ବାବ୍‌ଦେ ବୁଝେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ବଙ୍ଗୋପସାଗର ନ ବନିଥିବା ଘୂର୍ଣ୍ଣିବଳୟ ସକ୍ରିୟ ହେଇଛେ । ଇତାର୍ ପ୍ରଭାବ୍‌ଥି ପଶ୍ଚିମ କେନ୍ଦ୍ରୀୟ ଆଉ ତାର୍ ପାଖର ଉତର ପଶ୍ଚିମ ବଙ୍ଗୋପସାଗର ନ ଗୁଟେ ଲଘୁଚାପ କ୍ଷେତ୍ର ବନିଛେ । ଇତାର ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ଼ଘଡ଼ି ସହେତେ ବର୍ଷା ଲାଗିରହିଛେ ।